# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**08th September - 2024**

**News Editor : *Itishree Sing Rathaur***

***************************************

***Desk***

## ନୂଆଖାଇ

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥା'ନ୍ତି । ପଶ୍ଚିମ ଓଡ଼ିଶାର ଶକ୍ତିପୀଠଗୁଡ଼ିକ ମଧ୍ୟରେ ସମ୍ବଲପୁରର ମା' ସମଲେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱର, ଜୁନାଗଡ଼ର ମା' ଲଙ୍କେଶ୍ୱରୀ, ବଲାଙ୍ଗିର ଓ ପାଟଣାଗଡ଼ର ମା' ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ଏବଂ ଅନ୍ୟ ଇଷ୍ଟଦେବୀଙ୍କ ନିକଟରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନବାନ୍ନ ଲାଗି ହୋଇଥାଏ । ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ ସାଂସ୍କୃତିକ ଜୀବନଶୈଳୀ । ପଶ୍ଚିମ ଓଡ଼ିଶାର କଳାସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳଣ ସହିତ ନୂଆଖାଇ ପର୍ବ ଜଡ଼ିତ । ବିଭିନ୍ନ ସ୍ଥାନରେ ନବାନ୍ନ ଭକ୍ଷଣ ପରେ ସାତ-ଆଠ ଦିନ ପରେ ମଧ୍ୟ

ସାଂସ୍କୃତିକ ଦଳ ଓ ମୁଖ୍ୟମାନଙ୍କୁ ନେଇ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ ।

***BBSR/R***

# ସି.ଏମ୍. କିଷାନ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ସମ୍ବଲପୁରସ୍ଥିତ ତପସ୍ୱିନୀ ହଲ୍‌ଠାରେ ସି.ଏମ୍. କିଷାନ ଯୋଜନାର ଶୁଭାରମ୍ଭ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନଙ୍କୁ ୯୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାରେ ଜମା କରାଯିବ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ସି.ଏମ୍. କିଷାନ ପୋର୍ଟାଲ୍ ସହ କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍‌ର ମଧ୍ୟ ଉନ୍ମୋଚନ କରିବେ ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ନବାନ୍ନ ଗ୍ରହଣ କରିବେ । ଏହାସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକାଧିକ ନୂଆଖାଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ ହେବାର କାର୍ଯ୍ୟସୂଚୀ ରହିଛି ।

ସୂଚନାଯୋଗ୍ୟ, ସି.ଏମ୍. କିଷାନ୍ ପୋର୍ଟାଲ୍ ଅଧୀନରେ ସି.ଏମ୍. କିଷାନ୍ ଓ ପି.ଏମ୍. କିଷାନ ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯାଇପାରିବ । ଏହାଛଡ଼ା ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ

ହିତାଧିକାରୀଙ୍କୁ ସାମିଲ୍ କରିବାପାଇଁ ପି.ଏମ୍. କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ ଆଜିଠାରୁ ଆରମ୍ଭ ହେବ ।

***IPR***

## ଏମ୍.ଏସ୍.ଏମ୍.ଇ.

ଶିଳ୍ପ ମାଧ୍ୟମରେ ରାଜ୍ୟର ଅର୍ଥନୈତିକ ବିକାଶ ହୋଇପାରିବ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଜରିଆରେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକ ଜିଲ୍ଲାର ବାରଙ୍ଗଠାରେ ଏକ ଘରୋଇ କମ୍ପାନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଷ୍ଟାର୍ଟ ଅପ୍ ଇଣ୍ଡିଆ ଓ ଇନ୍‌କ୍ୟୁବେସନ୍ ସେଣ୍ଟରଗୁଡ଼ିକ ଜରିଆରେ ପ୍ରତିବର୍ଷ ହଜାରେ ଉଦ୍ୟୋଗୀଙ୍କୁ ସହାୟତା ଦିଆଯିବ । ଏହାସହ ରାଜ୍ୟରେ ଖୁବ୍ ଶୀଘ୍ର ୧୧ଟି ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା କରାଯିବ । ସେ କହିଛନ୍ତି, ୨୦୩୬ ମସିହାର ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହାରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ କରିବାକୁ ଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ଷ୍ଟାର୍ଟ ଅପ୍ ଓ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ ।

***BBSR/R***

# ନୂଆ ଅର୍ଥସଚିବ

କେନ୍ଦ୍ର ସରକାର ଓଡ଼ିଶା କ୍ୟାଡରର ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ତୁହିନ୍‌କାନ୍ତ  ପାଣ୍ଡେଙ୍କୁ ନୂଆ ଅର୍ଥ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁସାରେ, ଟି.ଭି. ସୋମନାଥନ୍‌ଙ୍କ ସ୍ଥାନରେ ଶ୍ରୀ ପାଣ୍ଡେଙ୍କୁ ଏହି ନିଯୁକ୍ତି ମିଳିଛି । ୧୯୮୭ ବ୍ୟାଚ୍‌ର ଆଇ.ଏ.ଏସ୍. ଅଧିକାରୀ ଶ୍ରୀ ପାଣ୍ଡେ ବର୍ତ୍ତମାନ ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପ୍ରବନ୍ଧନ ବିଭାଗରେ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି ।

***Bhadrak/R***

# ସଦସ୍ୟତା ଅଭିଯାନ

ଭଦ୍ରକ ଜିଲ୍ଲା ବି.ଜେ.ପି. କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜନକଲ୍ୟାଣକାରୀ ଯୋଜନାକୁ ଲୋକାଭିମୁଖୀ କରିବା ନିମନ୍ତେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ନେତୃମଣ୍ଡଳୀ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଥିଲେ ।

*Kendrapada/R*

# ବାର୍ଡ଼ ଫ୍ଲୁ

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକ୍ ଅନ୍ତର୍ଗତ ଏଣ୍ଡୋର ଓ ବାଲିଆ ଗ୍ରାମରେ ବାର୍ଡ଼ ଫ୍ଲୁ ଚିହ୍ନଟ ହୋଇଛି । ପ୍ରଭାବିତ ଅଞ୍ଚଳରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଆୟୋଜିତ ଏକ ବୈଠକରେ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ କୁକୁଡ଼ାଙ୍କୁ ମାରି ପୋତିଦେବାପାଇଁ ନିଷ୍ପତ୍ତି ହୋଇଛି ।

*Kendrapara/R*

# ପକ୍ଷୀଗଣନା

କେନ୍ଦ୍ରାପଡ଼ା ଜିଲ୍ଲାର ଭିତର କନିକା ଜାତୀୟ ଉଦ୍ୟାନରେ ଆସନ୍ତାକାଲିଠାରୁ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ବନବିଭାଗ ପକ୍ଷରୁ ୩ଟି ଦଳ ଗଠନ କରାଯାଇଛି । ପ୍ରତି ଦଳରେ ବନ ବିଭାଗର ୫ ଜଣ ଲେଖାଏଁ କର୍ମଚାରୀ ରହିବେ ବୋଲି ଜଣାପଡ଼ିଛି ।

***Puri/R***

# ପୁରୀ ଶ୍ରୀମନ୍ଦିର - ଋଷି ପଞ୍ଚମୀ ବ୍ରତ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଋଷି ପଞ୍ଚମୀ ବ୍ରତ ପାଳନ କରାଯାଉଛି । ଆଜି ସକାଳ ଧୂପ ନୀତି ଶେଷ ହେବା ପରେ ପୂଜାପଣ୍ଡାମାନେ ଆଜ୍ଞାମାଳ ଦେବା ପରେ ମହାଜନ ସେବକ ଶ୍ରୀଦେବୀଙ୍କୁ ସିଂହାସନରେ ବିଜେ କରାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇବେ । ଏହାପରେ ଶ୍ରୀଦେବୀ ମାର୍କେଣ୍ଡୀୟ ମହାଦେବଙ୍କ ମନ୍ଦିରକୁ ବିଜେ କରିବେ । ଶ୍ରୀମନ୍ଦିରରେ ଆଜି ଦାହଲୀଳା ନୀତି ମଧ୍ୟ ଅନୁଷ୍ଠିତ ହେବ ।

***Deogarh/R***

# ଦେବଗଡ଼ - ଗଣେଶ ପୂଜା-ନୂଆଖାଇ

ଦେବଗଡ଼ ସହରର ଦଶ ଦିନିଆ ପ୍ରସିଦ୍ଧ ଗଣେଶ ପୂଜା ଗତକାଲିଠାରୁ ଆରମ୍ଭ ହୋଇଛି । ଦେବଗଡ଼ ଗଣେଶ ପୂଜା କମିଟି ପକ୍ଷରୁ ବିଗତ ୭୬ ବର୍ଷ ଧରି ଆଡ଼ମ୍ବର ସହକାରେ ଗଣେଶ ମେଳା ଆୟୋଜନ କରାଯାଇ ପୂଜାମଣ୍ଡପରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କର ମୂର୍ତ୍ତି ମହା-ଆଡ଼ମ୍ବର ସହକାରେ ପୂଜାର୍ଚ୍ଚନା କରାଯାଉଛି । ନୂଆଖାଇ ସହିତ ଗଣେଶ ମେଳା ପାଇଁ ସହର ଉତ୍ସବ ମୁଖର ହୋଇଉଠିଛି ।

*Desk*

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଅକ୍ଟୋବର ୨୬, ୧୯୬୬ ମସିହାରେ ପ୍ରଥମ ଥରପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ଚଳିତ ବର୍ଷ ଏହି ଦିବସ ବହୁଭାଷୀ ଶିକ୍ଷାର ପ୍ରୋତ୍ସାହନ, ଆପୋଷ ବୁଝାମଣା ଓ ଶାନ୍ତିପାଇଁ ସାକ୍ଷରତାର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

***BBSR/R***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଏହି ଲଘୁଚାପ ଘନୀଭୂତ ହେବାରେ ଲାଗିଛି । ପରବର୍ତ୍ତୀ ସମୟରେ ଲଘୁଚାପ ଅବପାତରେ ପରିଣତ ହେବା ନେଇ ଅନୁମାନ କରାଯାଇଛି । ଏହାର ପ୍ରଭାବରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ

ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****